## ସପ୍ତମ ଅଧ୍ୟାୟ

# ଓଡ଼ିଶାରେ ସୂର୍ଯ୍ୟବଂଶୀ ନରପତିଗଣ

ଗଙ୍ଗବଂଶର ପତନ ପରେ ଓଡ଼ିଶାରେ ଏକ ନୂତନ ରାଜବଂଶର ଅଭ୍ୟୁଦୟ ଘଟିଥିଲା। ତାହା ସୂର୍ଯ୍ୟବଂଶ ନାମରେ ପ୍ରସିଦ୍ଧ । ଏହି ବଂଶର ରାଜାମାନେ 'ଗଜପତି' ଉପାଧିରେ ଭୂଷିତ ହୋଇଥିଲେ । ସୂର୍ଯ୍ୟବଂଶୀ ରାଜାମାନଙ୍କର ରାଜତ୍ୱ କାଳରେ ଓଡ଼ିଶାର ସାମାଜିକ ଏବଂ ସାଂସ୍କୃତିକ ଜୀବନରେ ଉନ୍ନତି ପରିଲକ୍ଷିତ ହୋଇଥିଲା।

### କପିଳେନ୍ଦ୍ରଦେବ (୧୪୩୫-୧୪୬୭ ଖ୍ରୀଷ୍ଟାବ୍ଦ) :

କପିଳେନ୍ଦ୍ରଦେବ ସୂର୍ଯ୍ୟବଂଶର ପ୍ରତିଷ୍ଠାତା। ସେ ଗଙ୍ଗବଂଶର ଶେଷ ରାଜା ଚତୁର୍ଥ ଭାନୁଦେବଙ୍କର ସେନାପତି ଥିଲେ । ସେ ଅପୁତ୍ରିକ ଥିବାରୁ ତାଙ୍କ ମୃତ୍ୟୁ ପରେ ନିଜ ଶକ୍ତି ବଳରେ ଏବଂ ପାତ୍ରମନ୍ତ୍ରୀଙ୍କର ସମର୍ଥନ ଲାଭ କରି ୧୪୩୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲେ । ସେହି ବର୍ଷ ସେ 'କପିଳାବ୍ଦ' ପ୍ରଚଳନ କରିଥିଲେ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
Odia Board and NCERT
All Books With Solutions
OBS

### ରାଜ୍ୟଜୟ:

କପିଳେନ୍ଦ୍ରଦେବ ଜଣେ ବିଚକ୍ଷଣ ଯୋଦ୍ଧା ଏବଂ ଦିଗ୍‌ବିଜୟୀ ସମ୍ରାଟ ଥିଲେ । ସେ ଗୌଡ଼ର ସୁଲତାନ୍‌ଙ୍କୁ ପରାଜିତ କରି 'ଗୌଡେଶ୍ୱର' ଉପାଧି ଧାରଣ କରିଥିଲେ। ଦାକ୍ଷିଣାତ୍ୟର ଶକ୍ତିଶାଳୀ ବିଜୟନଗରର ରାଜାଙ୍କୁ ପରାଜିତ କରି କର୍ଣ୍ଣାଟ ଅଂଚଳ (ବର୍ତ୍ତମାନର କର୍ଣ୍ଣାଟକ ରାଜ୍ୟ) ଅଧିକାର କରି 'ନବକୋଟି କର୍ଣ୍ଣାଟ' ଉପାଧିରେ ଭୂଷିତ ହୋଇଥିଲେ । ସେ ମଧ୍ୟ ବାହମନୀର ସୁଲତାନଙ୍କୁ ପରାସ୍ତ କରି ସେହି ରାଜ୍ୟର ରାଜଧାନୀ କଲବର୍ଗ (ବର୍ତ୍ତମାନର କର୍ଣ୍ଣାଟକ ରାଜ୍ୟରେ ଥିବା ଗୁଲବର୍ଗା ସହର) ଅଧିକାର କରିଥିଲେ । ଏହାପରେ ସେ ନିଜକୁ 'କଲବର୍ଗେଶ୍ୱର' ଉପାଧିରେ ଭୂଷିତ କରିଥିଲେ । ତାଙ୍କର ବିଶାଳ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କୃଷ୍ଣା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ସେ ମଧ୍ୟ ନିଜକୁ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର' ଉପାଧିରେ ଭୂଷିତ କରିଥିଲେ ।

> **ତୁମେ ଜାଣିଛ କି?**
>
> ସମ୍ରାଟ କପିଳେନ୍ଦ୍ରଦେବଙ୍କର ଉପାଧି ଥିଲା – 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର'। କପିଳେନ୍ଦ୍ରଦେବ ବିଶାଳ ଗଜ (ହସ୍ତୀ) ସେନାର ଅଧିପତି ଥିବାରୁ ସେ 'ଗଜପତି' ଉପାଧି ଧାରଣ କରିଥିଲେ। ସେ ଗୌଡ଼ (ବଙ୍ଗ)ର କିଛି ଅଂଚଳ ଜୟ କରିଥିବାରୁ 'ଗୌଡେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ । ସେ କର୍ଣ୍ଣାଟ (ବିଜୟନଗର ସାମ୍ରାଜ୍ୟ) ଅଂଚଳ ତଥା ବାହମନୀ ରାଜ୍ୟର ପ୍ରାଚୀନ ରାଜଧାନୀ କଲବର୍ଗ (ଗୁଲବର୍ଗା) ଜୟ କରିଥିବାରୁ 'ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର' ଉପାଧି ଧାରଣ କରିଥିଲେ ।

> ତୁମ ଅଂଚଳରେ ଆଗ କାଳରେ ବିଶିଷ୍ଟ ଲୋକମାନଙ୍କୁ କେଉଁ କେଉଁ ଉପାଧି ଦିଆଯାଉଥିଲା, ଅନ୍ୟମାନଙ୍କୁ ପଚାରି ଲେଖ ।

## ରାଜ୍ୟ ଶାସନ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ:

ଜଣେ ସୁଶାସକ ଭାବେ କପିଳେନ୍ଦ୍ର ଦେବ ଇତିହାସ ପ୍ରସିଦ୍ଧ । ସେ ରାଜ୍ୟ ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ । ସେ ଥିଲେ ଜଣେ ପ୍ରଜାବତ୍ସଳ ସମ୍ରାଟ । ସେ ରାଜ୍ୟର ପ୍ରତ୍ୟେକ ଅଂଚଳ ଗସ୍ତ କରି ପ୍ରଜାମାନଙ୍କର ଗୁହାରି ଶୁଣୁଥିଲେ ଏବଂ ବିଭିନ୍ନ ସମସ୍ୟାର ସମାଧାନ କରୁଥିଲେ । ସେ ପ୍ରଜାମାନଙ୍କ ଉପରୁ ଲବଣ ଓ କଉଡ଼ି କର ଉଠାଇ ଦେଇଥିଲେ । ତାଙ୍କ ରାଜତ୍ୱ କାଳରେ ସର୍ବସାଧାରଣଙ୍କ ଧନଜୀବନ ନିରାପଦ ଥିଲା। ପ୍ରଜାମାନେ ସୁଖଶାନ୍ତିରେ ବସବାସ କରୁଥିଲେ । ସେ ସମୟରେ ରାଜ୍ୟର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା  ଯାହା କୃଷି ଓ ବାଣିଜ୍ୟର ଉନ୍ନତି ଦ୍ୱାରା ସମ୍ଭବପର ହୋଇଥିଲା।

କପିଳେନ୍ଦ୍ରଦେବଙ୍କ ସମୟରେ ତୁମେ ଜଣେ ପ୍ରଜା ହୋଇଥିଲେ କେଉଁ କେଉଁ ଅଧିକ ସୁବିଧା ହାସଲ ପାଇଁ ରାଜାଙ୍କୁ ଅନୁରୋଧ କରିଥାନ୍ତ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

କପିଳେନ୍ଦ୍ର ଦେବ କଳା ଓ ସାହିତ୍ୟର ପୃଷ୍ଠପୋଷକ ଥିଲେ । ଭୁବନେଶ୍ୱର ନିକଟବର୍ତ୍ତୀ କପିଳେଶ୍ୱର ଶିବ ମନ୍ଦିରର ତାଙ୍କ ସମୟରେ ନିର୍ମିତ ହୋଇଥିଲା । ସେ କପିଳେଶ୍ୱରପୁର ଏବଂ ଦାମୋଦରପୁର ନାମକ ଦୁଇଟି ଶାସନ ପ୍ରତିଷ୍ଠା କରିଥିଲେ । ସଂସ୍କୃତ ଭାଷା ଓ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ସେ 'ପରଶୁରାମ ବିଜୟ' ନାମକ ଏକ ସଂସ୍କୃତ ନାଟକ ରଚନା କରିଥିଲେ । ତାଙ୍କ ସମୟରେ ନୃସିଂହ ବାଜପେୟୀ ସଂସ୍କୃତରେ 'ସଂକ୍ଷେପ ଶାରୀରିକ ବର୍ତ୍ତିକା' ନାମକ ଏକ ପୁସ୍ତକ ରଚନା କରିଥିଲେ । ତାଙ୍କ ରାଜତ୍ୱକାଳରେ ଶୂଦ୍ରମୁନି ସାରଳା ଦାସ ଓଡ଼ିଆ ଭାଷାରେ 'ମହାଭାରତ' ଏବଂ 'ଚଣ୍ଡୀ ପୁରାଣ' ରଚନା କରିଥିଲେ ।

ଦକ୍ଷିଣ ଭାରତରେ ଶାସନ କାର୍ଯ୍ୟ ତଦାରଖ କରୁଥିବା ସମୟରେ କୃଷ୍ଣାନଦୀ ତୀରରେ କପିଳେନ୍ଦ୍ରଦେବ ୧୪୬୭ ଖ୍ରୀଷ୍ଟାବ୍ଦରେ ପ୍ରାଣ ତ୍ୟାଗ କରିଥିଲେ ।

'ପର୍ଶୁରାମ ବିଜୟ' ପରି ଅନ୍ୟ ସଂସ୍କୃତ କାବ୍ୟଗୁଡ଼ିକର ନାମ ସଂଗ୍ରହ କରି ସେଗୁଡ଼ିକର ରଚୟିତାଙ୍କ ନାମ ଲେଖ ।

### ତୁମେ ଜାଣିଛ କି ?

❖ ଶାସନ– କେବଳ ବ୍ରାହ୍ମଣମାନେ ବସବାସ କରୁଥିବା ଗ୍ରାମକୁ ଶାସନ କୁହାଯାଏ। ଅତୀତରେ ଓଡ଼ିଶାର ରାଜାମାନେ ବ୍ରାହ୍ମଣମାନଙ୍କୁ ପୃଷ୍ଠପୋଷକତା ଦେଖାଇବା ପାଇଁ ଶାସନମାନ ବସାଇ ଥିଲେ ।

❖ ହମ୍ୱୀର– ସେ ଥିଲେ କପିଳେନ୍ଦ୍ର ଦେବଙ୍କର ଜ୍ୟେଷ୍ଠ ପୁତ୍ର । ଦାକ୍ଷିଣାତ୍ୟ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କପିଳେନ୍ଦ୍ରଦେବ ମୃତ୍ୟୁ ପୂର୍ବରୁ ତାଙ୍କର ଅନ୍ୟତମ କନିଷ୍ଠ ପୁତ୍ର ପୁରୁଷୋତ୍ତମ ଦେବଙ୍କୁ ଓଡ଼ିଶାର ରାଜା ରୂପେ ଘୋଷଣା କରିବା ହେତୁ ତାଙ୍କ ମୃତ୍ୟୁ ପରେ ହମ୍ୱୀର ପୁରୁଷୋତ୍ତମ ଦେବଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ ଏବଂ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଥିଲା।

COMPETITIVE BOOKS Board and NCERT All Books With Solutions OBS

## ପୁରୁଷୋତ୍ତମ ଦେବ (୧୪୬୭ – ୧୪୯୭ ଖ୍ରୀଷ୍ଟାବ୍ଦ) :

ପୁରୁଷୋତ୍ତମ ଦେବ ଥିଲେ କପିଳେନ୍ଦ୍ରଦେବଙ୍କ ପୁତ୍ର । ପିତାଙ୍କ ମୃତ୍ୟୁ ପରେ ସେ ୧୪୬୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ ।ଏହି ସମୟରେ ସେ କପିଳେନ୍ଦ୍ରଦେବଙ୍କର ଜ୍ୟେଷ୍ଠପୁତ୍ର ହମ୍ବୀରଙ୍କ ସହିତ ତୀବ୍ର ଭ୍ରାତୃ ବିବାଦରେ ଲିପ୍ତ ରହିଥିଲେ । ଏହାର ସୁଯୋଗ ନେଇ ଶତ୍ରୁମାନେ ଶକ୍ତିଶାଳୀ ହୋଇ ଉଠିଲେ ।

**ତୁମେ ଜାଣିଛ କି?**

❖ କାଞ୍ଚି ଅଧିକାର– ପୁରୁଷୋତ୍ତମ ଦେବ କାଞ୍ଚି ଅଧିକାର କରିବା କଥା ଓଡ଼ିଶାର ଏକ ପ୍ରାଚୀନ କିମ୍ବଦନ୍ତୀ। ସେ ପଲ୍ଲବମାନଙ୍କର ରାଜଧାନୀ କାଞ୍ଚିପୁରମ ଅଧିକାର କରି ନଥିଲେ । ସେ ଉଦୟଗିରି ରାଜ୍ୟ ଅଧିକାର କରିଥିଲେ, ଯାହା କିମ୍ବଦନ୍ତୀରେ କାଞ୍ଚିରୂପେ ବର୍ଣ୍ଣିତ ।

### ରାଜ୍ୟଜୟ:

କପିଳେନ୍ଦ୍ରଦେବଙ୍କ ମୃତ୍ୟୁର ସୁଯୋଗ ନେଇ ଉଦୟଗିରି ରାଜ୍ୟର ରାଜା ସାଲ୍ୱ ନରସିଂହ ଦକ୍ଷିଣରେ ଓଡ଼ିଶାର କେତେକ ଦୁର୍ଗ ଅଧିକାର କରିଥିଲେ । ପୁରୁଷୋତ୍ତମ ଦେବ ବିଶାଳ ସୈନ୍ୟବାହିନୀ ସହିତ ଅଗ୍ରସର ହୋଇ ସାଲ୍ୱ ନରସିଂହଙ୍କୁ ପରାଜିତ କରି ଉଦୟଗିରି ରାଜ୍ୟ ଅଧିକାର କରିଥିଲେ । ସାଲ୍ୱ ନରସିଂହ ପୁରୁଷୋତ୍ତମ ଦେବଙ୍କ ସହିତ ସନ୍ଧି କରିଥିଲେ ଏବଂ ନିଜର କନ୍ୟାଙ୍କୁ ପୁରୁଷୋତ୍ତମ ଦେବଙ୍କ ସହିତ ବିବାହ କରାଇଥିଲେ ।

❖ 'କାଞ୍ଚି ଅଭିଯାନ' ସଂପର୍କରେ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନେଇ ଅନ୍ୟମାନଙ୍କ ସହ ଆଲୋଚନା କରି ଏକ ଗଳ୍ପ ରଚନା କର ।

❖ ଜଗନ୍ନାଥ, କଳା-ଧଳା ଘୋଡ଼ା, ଗଉଡୁଣୀ, ପୁରୁଷୋତ୍ତମଦେବ, ସାଲ୍ୱ ନରସିଂହଦେବ, ପଦ୍ମାବତୀ, ଚଣ୍ଡାଳ, ଚତୁର ମନ୍ତ୍ରୀ, ରଥ ଯାତ୍ରା, ଛେରା-ପହଁରା, ପୁରୁଷୋତ୍ତମଙ୍କ ସହିତ ପଦ୍ମାବତୀଙ୍କ ବିବାହ

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ବାହାମନୀ ସୁଲତାନ ରାଜମହେନ୍ଦ୍ରୀ ଅଧିକାର କରିଥିଲେ । ପୁରୁଷୋତ୍ତମ ବାହମନୀ ରାଜ୍ୟ ଆକ୍ରମଣ କରି ରାଜମହେନ୍ଦ୍ରୀ ସମେତ ଗୋଦାବରୀ ଓ କୃଷ୍ଣାନଦୀ ମଧ୍ୟବର୍ତ୍ତୀ ଅଂଚଳ ଅଧିକାର କରି ଗଜପତି ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ।

### ରାଜ୍ୟ ଶାସନ ଓ ଅନ୍ୟାନ୍ୟ କୀର୍ତ୍ତି:

ପୁରୁଷୋତ୍ତମ ଦେବ ଜଣେ ଧର୍ମପ୍ରାଣ, ପ୍ରଜାବତ୍ସଳ ଏବଂ ସୁଶାସକ ରୂପେ ବିଖ୍ୟାତ । ସେ ୧୬ଟି ବ୍ରାହ୍ମଣ ଶାସନ ସ୍ଥାପନ କରିଥିଲେ । ସଂସ୍କୃତ ସାହିତ୍ୟ ଓ ଧର୍ମଶାସ୍ତ୍ରରେ ତାଙ୍କର ଗଭୀର ଜ୍ଞାନ ଥିଲା। ସେ 'ଅଭିନବ ଗୀତ ଗୋବିନ୍ଦ' ରଚନା କରିଥିଲେ ବୋଲି ବିଶ୍ୱାସ କରାଯାଏ ।

ପୁରୁଷୋତ୍ତମ ଦେବ ୧୪୯୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ ।

ପୁରୁଷୋତ୍ତମଦେବ ଜଣେ ସଫଳ ଶାସକ ଥିଲେ କି? ସପକ୍ଷରେ/ବିପକ୍ଷରେ ନିଜ ମତାମତ ପ୍ରକାଶ କର ।

## ପ୍ରତାପରୁଦ୍ର ଦେବ (୧୪୯୭ – ୧୫୩୮ ଖ୍ରୀଷ୍ଟାବ୍ଦ) :

ପ୍ରତାପରୁଦ୍ରଦେବ ଥିଲେ ସୂର୍ଯ୍ୟବଂଶର ଶେଷ ସମ୍ରାଟ । ପୁରୁଷୋତ୍ତମଦେବଙ୍କ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ରଦେବ ୧୪୯୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ସିଂହାସନ ଆରୋହଣ କରିବା ପରେ ଓଡ଼ିଶା ଘନ ଘନ ବହିଃ ଶତ୍ରୁମାନଙ୍କର ଆକ୍ରମଣରେ ଅତିଷ୍ଠ ହୋଇ ପଡ଼ିଥିଲା । ଏହା ଗଜପତି ସାମ୍ରାଜ୍ୟର ପତନ ପାଇଁ ପଥ ପରିଷ୍କାର କରିଦେଲା ।

### ଶତ୍ରୁମାନଙ୍କ ସହିତ ଯୁଦ୍ଧ:

ପ୍ରତାପରୁଦ୍ରଦେବ ଦାକ୍ଷିଣାତ୍ୟରେ ବିଜୟନଗର ସହିତ ଯୁଦ୍ଧରତ ଥିଲାବେଳେ ବଙ୍ଗର ସୁଲତାନ ଆଲ୍ଲାଉଦ୍ଦିନ ହୁସେନ ଶାହଙ୍କ ସୈନ୍ୟମାନେ ଓଡ଼ିଶା ଆକ୍ରମଣ କରି ପୁରୀ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଏହି ସମ୍ବାଦ ପାଇ ପ୍ରତାପରୁଦ୍ରଦେବ ଦାକ୍ଷିଣାତ୍ୟରୁ ପ୍ରତ୍ୟାବର୍ତ୍ତନ କରି ଶତ୍ରୁସୈନ୍ୟମାନଙ୍କୁ ଓଡ଼ିଶାରୁ ତଡ଼ି ଦେଇଥିଲେ ।

> ପ୍ରତାପରୁଦ୍ରଦେବ ଦାକ୍ଷିଣାତ୍ୟରୁ ପ୍ରତ୍ୟାବର୍ତ୍ତନ କରି ନଥିଲେ କଣ ହୋଇଥାନ୍ତା ବୋଲି ତୁମେ ଭାବୁଛ, ଲେଖ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

ସେହି ସମୟରେ ବିଜୟନଗର ରାଜ୍ୟର ରାଜା କୃଷ୍ଣଦେବ ରାୟ ପ୍ରବଳ ପ୍ରତାପୀ ହୋଇ ଉଠିଥିଲେ । ସେ ଉଦୟଗିରି ସମେତ ଓଡ଼ିଶାର ବହୁ ଅଂଚଳ ଅଧିକାର କରି ସୀମାଚଳମ୍ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ପ୍ରତାପରୁଦ୍ରଦେବ ତାଙ୍କର ଗତିରୋଧ କରି ପରାଜିତ ହୋଇଥିଲେ । ସେ କୃଷ୍ଣଦେବ ରାୟଙ୍କ ସହିତ ସନ୍ଧି ସ୍ଥାପନ କରି ତାଙ୍କୁ ଗୋଦାବରୀ ନଦୀର ଦକ୍ଷିଣକୁ ଥିବା ଓଡ଼ିଶା ରାଜ୍ୟର ଅଂଚଳ ଛାଡ଼ି ଦେବା ସହିତ ନିଜ କନ୍ୟା ଜଗନ୍ମୋହିନୀଙ୍କୁ ତାଙ୍କ ସହ ବିବାହ କରାଇଥିଲେ । ଏହି ସବୁ ଆକ୍ରମଣ ଫଳରେ ଓଡ଼ିଶାର ଗଜପତି ସାମ୍ରାଜ୍ୟ ଦୁର୍ବଳ ହୋଇ ପଡ଼ିଲା ।

> ଯଦି ପ୍ରତାପରୁଦ୍ରଦେବ କୃଷ୍ଣଦେବ ରାୟଙ୍କ ସହ ସନ୍ଧି ସ୍ଥାପନ କରି ନଥାନ୍ତେ, ତାହା ହେଲେ କଣ ସବୁ ଅସୁବିଧା ହୋଇଥାନ୍ତା, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

**ତୁମେ ଜାଣିଛ କି?**

ବୀରଭଦ୍ର– ସେ ପ୍ରତାପରୁଦ୍ରଦେବଙ୍କର ଏକମାତ୍ର ପୁତ୍ର । ଦାକ୍ଷିଣାତ୍ୟରେ କୋଣ୍ଡାଭିଡୁ ଦୁର୍ଗ ଅଧିକାର କଲାବେଳେ ସେ ବିଜୟନଗରର ସୈନ୍ୟବାହିନୀଙ୍କ ହାତରେ ଧରାପଡ଼ିଥିଲେ । ଅସୀ ଚାଳନାରେ ସେ ଥିଲେ ଦକ୍ଷ । କୃଷ୍ଣଦେବ ରାୟଙ୍କ ଦରବାରରେ ତାଙ୍କୁ ଜଣେ ସାଧାରଣ ଲୋକ ସହିତ ଅସୀଯୁଦ୍ଧ କରିବାକୁ କୁହାଯିବାରୁ ଅପମାନିତ ହୋଇ ନିଜ ତରବାରୀ ଛାତିରେ ବିଦ୍ଧ କରି ପ୍ରାଣତ୍ୟାଗ କରିଥିଲେ । ଏହା ପ୍ରତାପରୁଦ୍ରଦେବଙ୍କୁ ଦୁର୍ବଳ କରି ଦେଇଥିଲା ।

## କଳା ଓ ସାହିତ୍ୟର ପୃଷ୍ଠପୋଷକତା:

ପ୍ରତାପରୁଦ୍ରଦେବ ଜଣେ ପ୍ରଜାବତ୍ସଳ ସମ୍ରାଟ ଥିଲେ । ସେ ଜଣେ ବିଶିଷ୍ଟ କବି ଓ ବିଦ୍ୱାନ ଥିଲେ । ସଂସ୍କୃତ ଭାଷାରେ ତାଙ୍କ ଦ୍ୱାରା ରଚିତ 'ସରସ୍ୱତୀ ବିଳାସ' ହିନ୍ଦୁ ଆଇନ ସଂପର୍କରେ ଏକ ଅମୂଲ୍ୟ ଗ୍ରନ୍ଥ ରୂପେ ବିବେଚିତ । ସେହି ସମୟରେ ଜଗନ୍ନାଥ ଦାସ ଓଡ଼ିଆରେ 'ଭାଗବତ' ଏବଂ ବଳରାମ ଦାସ 'ଦାଣ୍ଡି ରାମାୟଣ' ରଚନା କରିଥିଲେ । କବି ଜୀବଦେବ ଆଚାର୍ଯ୍ୟ 'ଭକ୍ତି ଭାଗବତ' ରଚନା କରିଥିଲେ । ରାୟ ରାମାନନ୍ଦ 'ଜଗନ୍ନାଥ ବଲ୍ଲଭ' ନାଟକ ରଚନା କରିଥିଲେ । ବହୁ କବି ଏବଂ ପଣ୍ଡିତ ପ୍ରତାପରୁଦ୍ରଦେବଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ ।

**ତୁମେ ଜାଣିଛ କି?**

ପଞ୍ଚସଖା– ସେମାନେ ହେଲେ ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଏବଂ ଯଶୋବନ୍ତ ଦାସ । ସେମାନେ ପ୍ରତାପରୁଦ୍ରଦେବଙ୍କ ସମସାମୟିକ ଥିଲେ । ସେମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥମାନ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ ।

ପ୍ରତାପରୁଦ୍ରଦେବଙ୍କ ସମୟରେ ପଞ୍ଚସଖାଙ୍କର ଆବିର୍ଭାବ ଘଟିଥିଲା। ସେମାନଙ୍କ ମଧ୍ୟରୁ ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ ପୁସ୍ତକ ସଂପର୍କରେ ସୂଚନା ଦିଆଯାଇଛି। ଅନ୍ୟ ସଖାମାନଙ୍କ କୃତି ସଂପର୍କରେ ଗୁରୁଜନମାନଙ୍କ ସହିତ ଆଲୋଚନା କରି ଲେଖ ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT OBS

ପ୍ରତାପରୁଦ୍ରଦେବ ପୁରୀର ଜଗନ୍ନାଥ ମନ୍ଦିର ବେଢ଼ା ମଧ୍ୟରେ ଥିବା ମୁକ୍ତି ମଣ୍ଡପ ନିର୍ମାଣ କରିଥିଲେ । ସେ କଟକ ନିକଟରେ ଧବଳେଶ୍ୱର ମନ୍ଦିର ଏବଂ ଢେଙ୍କାନାଳର କପିଳାସ ପର୍ବତ ଉପରେ ଚନ୍ଦ୍ରଶେଖର ମନ୍ଦିର ନିର୍ମାଣ କରିଥିଲେ ।

ପ୍ରତାପରୁଦ୍ରଦେବ ଶ୍ରୀଚୈତନ୍ୟଙ୍କ ଦ୍ୱାରା ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ୧୫୩୮ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

ପ୍ରତାପରୁଦ୍ରଦେବଙ୍କ ସମୟରେ ଘଟିଥିବା ବିଶିଷ୍ଟ ଘଟଣାଗୁଡ଼ିକ ମଧ୍ୟରୁ କେଉଁ ଘଟଣାଟି ଅଧିକ ଗୁରୁତ୍ୱପୂର୍ଣ୍ଣ ଓ କାହିଁକି, ଲେଖ ।


## ମୁକୁନ୍ଦ ହରିଚନ୍ଦନ:

ପ୍ରତାପରୁଦ୍ରଦେବଙ୍କ ପରେ ତାଙ୍କ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଷଡ଼ଯନ୍ତ୍ର କରି ଓଡ଼ିଶାର ରାଜା ହୋଇଥିଲେ । ସେ ଭୋଇବଂଶ ପ୍ରତିଷ୍ଠା କରିଥିଲେ । ଗୋବିନ୍ଦ ବିଦ୍ୟାଧରଙ୍କ ପରେ ତାଙ୍କ ପୁତ୍ର ଚକ୍ର ପ୍ରତାପ ରାଜତ୍ୱ କରିଥିଲେ । ତାଙ୍କ ପରେ ମୁକୁନ୍ଦ ହରିଚନ୍ଦନ (୧୫୬୦–

**ତୁମେ ଜାଣିଛ କି?**

ତେଲେଙ୍ଗା ମୁକୁନ୍ଦ– ଗଜପତି ସାମ୍ରାଜ୍ୟର ରାଜମହେନ୍ଦ୍ରୀ ଅଂଚଳରେ ରାଜତ୍ୱ କରୁଥିବା ଚାଲୁକ୍ୟ ବଂଶରେ ସେ ଜନ୍ମଗ୍ରହଣ କରିଥିଲେ । ସେଥିପାଇଁ ସେ ଓଡ଼ିଶା ଇତିହାସରେ 'ତେଲେଙ୍ଗା ମୁକୁନ୍ଦ' ନାମରେ ପ୍ରସିଦ୍ଧ । ସେ ପ୍ରତାପରୁଦ୍ରଙ୍କ ସୈନ୍ୟବାହିନୀରେ ଜଣେ ସୁଦକ୍ଷ ସୈନିକ ଥିଲେ । ଗୋବିନ୍ଦ ବିଦ୍ୟାଧରଙ୍କ ରାଜତ୍ୱ କାଳରେ ସେ କଟକ ସହରର ଶାସନକର୍ତ୍ତା ଥିଲେ । ସେ ମଧ୍ୟ ମୁକୁନ୍ଦ ହରିଚନ୍ଦନ ଏବଂ ମୁକୁନ୍ଦଦେବ ରୂପେ ଓଡ଼ିଶା ଇତିହାସରେ ପ୍ରସିଦ୍ଧ ।

୧୫୬୮ ଖ୍ରୀଷ୍ଟାବ୍ଦ) ରାଜତ୍ୱ କରିଥିଲେ । ସେ ଥିଲେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା। କୁହାଯାଏ, ସେ କଟକର ବାରବାଟୀ ଦୁର୍ଗ ମଧ୍ୟରେ ନବତଳ ପ୍ରାସାଦ ନିର୍ମାଣ କରିଥିଲେ ।



ବାରବାଟୀ ଦୁର୍ଗ

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

## ସାମ୍ରାଜ୍ୟ ବିସ୍ତାର:

ମୁକୁନ୍ଦ ହରିଚନ୍ଦନ ୧୫୬୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ସିଂହାସନ ଆରୋହଣକରି ମୁକୁନ୍ଦଦେବ ନାମରେ ଖ୍ୟାତ ହେଲେ ।ଓଡ଼ିଶାର ଆଭ୍ୟନ୍ତରୀଣ ବିଶୃଙ୍ଖଳାର ସୁଯୋଗ ନେଇ ବଙ୍ଗର ସୁଲତାନ ଗିୟାସୁଦ୍ଦିନ୍ ଜଲାଲ ଶାହ ୧୫୬୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଆକ୍ରମଣ କରି ଯାଜପୁର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ମୁକୁନ୍ଦଦେବ ଗିୟାସୁଦ୍ଦିନ୍‌ଙ୍କୁ ପରାସ୍ତ କରି ଓଡ଼ିଶା ସାମ୍ରାଜ୍ୟର ସୀମାକୁ ଗଙ୍ଗାନଦୀ ପର୍ଯ୍ୟନ୍ତ ବିସ୍ତାର କରିବାକୁ ସମର୍ଥ ହୋଇଥିଲେ ।ଏହି ବିଜୟର ସ୍ମୃତି ସ୍ୱରୂପ ସେ ହୁଗୁଳି ଜିଲ୍ଲାର ଗଙ୍ଗାନଦୀ କୂଳରେ ତ୍ରିବେଣୀ ଘାଟ ନିର୍ମାଣ କରିଥିଲେ ।

## ଯୁଦ୍ଧ ଏବଂ ବିପର୍ଯ୍ୟୟ:

ମୋଗଲ ସମ୍ରାଟ ଆକବର ବଙ୍ଗ ଦେଶ ଜୟ କରିବା ଉଦ୍ଦେଶ୍ୟରେ ମୁକୁନ୍ଦଦେବଙ୍କ ସହିତ ସଂପର୍କ ସ୍ଥାପନ କରିଥିଲେ । ଏହାଦ୍ୱାରା ବଙ୍ଗର ଆଫଗାନ ସୁଲତାନ୍ ସୁଲେମାନ୍ କର୍‌ରାଣୀ କ୍ଷୁବ୍ଧ ହୋଇଥିଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ସେ ନିଜର ସୈନ୍ୟବାହିନୀକୁ ଦୁଇ ଭାଗରେ ବିଭକ୍ତ କରି ଓଡ଼ିଶା ଆକ୍ରମଣ କରିଥିଲେ ।ସୁଲେମାନ୍ କର୍‌ରାଣୀଙ୍କ ସହ ଯୁଦ୍ଧ କରି ମୁକୁନ୍ଦଦେବ ପରାଜିତ ହୋଇଥିଲେ ।କର୍‌ରାଣୀଙ୍କ ଅନ୍ୟ ଏକ ସୈନ୍ୟଦଳ ତାଙ୍କର ପୁତ୍ର ବାୟାଜିଦ୍ ଏବଂ ସେନାପତି କଳାପାହାଡ଼ଙ୍କ ନେତୃତ୍ୱରେ ଅଗ୍ରସର ହୋଇ କଟକ ଅଧିକାର କରିଥିଲେ ।ଏହି

ଘଡ଼ିସନ୍ଧି ମୁହୂର୍ତ୍ତରେ ସାରଙ୍ଗଗଡ଼ର ସାମନ୍ତରାଜା ରାମଚନ୍ଦ୍ର ଭଞ୍ଜ ମୁକୁନ୍ଦଦେବଙ୍କ ବିରୁଦ୍ଧରେ ବିଦ୍ରୋହ କରି ନିଜକୁ ଗଜପତି ରାଜା ରୂପେ ଘୋଷଣା କରିଥିଲେ । ତାଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଗଙ୍ଗାନଦୀ କୂଳରୁ ଫେରୁଥିବା ବେଳେ ରାମଚନ୍ଦ୍ର ଭଞ୍ଜଙ୍କ ସହିତ ଯାଜପୁର ନିକଟବର୍ତ୍ତୀ ଗୋହିରୀଟିକିରାଠାରେ ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବଙ୍କର ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧରେ ମୁକୁନ୍ଦଦେବ ନିହତ ହେଲେ । ମୁକୁନ୍ଦଦେବଙ୍କ ପରେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲା।

'କଳାପାହାଡ଼' ସଂପର୍କିତ କିମ୍ବଦନ୍ତୀ ବିଷୟରେ ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ।

## ଆମେ କଣ ଶିଖିଲେ ?

- ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ରଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।
- ପୁରୁଷୋତ୍ତମ ଦେବ ଦାକ୍ଷିଣାତ୍ୟର ଉଦୟଗିରି ରାଜ୍ୟ ଅଧିକାର କରିଥିଲେ ।
- ପ୍ରତାପରୁଦ୍ରଦେବ ସୂର୍ଯ୍ୟବଂଶର ଶେଷ ସମ୍ରାଟ ଥିଲେ ।
- ମୁକୁନ୍ଦ ହରିଚନ୍ଦନ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଥିଲେ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions

## ପ୍ରଶ୍ନାବଳୀ

୧. ତଳଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) କପିଳେନ୍ଦ୍ରଦେବଙ୍କ ରାଜ୍ୟ ଜୟ ବିଷୟରେ ଲେଖ ।

ଖ) ପ୍ରତାପରୁଦ୍ରଦେବ ଏବଂ କୃଷ୍ଣଦେବ ରାୟଙ୍କ ମଧ୍ୟରେ ଥିବା ସଂପର୍କ ବିଷୟରେ ଲେଖ ।

ଗ) ପ୍ରତାପରୁଦ୍ରଦେବଙ୍କ ସମୟରେ ସୃଷ୍ଟି ହୋଇଥିବା ସାହିତ୍ୟ ସଂପର୍କରେ ସୂଚନା ପ୍ରଦାନ କର ।

ଘ) ମୁକୁନ୍ଦ ହରିଚନ୍ଦନ ଏବଂ ସୁଲେମାନ୍ କରରାଣୀଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ଫଳାଫଳ କଣ ହେଲା ?

**୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) _______ ସୂର୍ଯ୍ୟବଂଶର ପ୍ରତିଷ୍ଠାତା।

(ମୁକୁନ୍ଦଦେବ, କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ, ପ୍ରତାପରୁଦ୍ରଦେବ)

ଖ)  'ଚଣ୍ଡିପୁରାଣ' ________ ରଚନା କରିଥିଲେ ।

(ବଳରାମ ଦାସ, ଅନନ୍ତ ଦାସ, ଶାରଳା ଦାସ, ଜଗନ୍ନାଥ ଦାସ)

ଗ.  ________ କପିଳେନ୍ଦ୍ରଦେବଙ୍କ ଜ୍ୟେଷ୍ଠପୁତ୍ର ।

(ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ରଦେବ, ହମ୍ବୀର, ସାଳ୍ବ ନରସିଂହ)

ଘ.  'ଅଭିନବ ଗୀତଗୋବିନ୍ଦ'ର ରଚୟିତା ________

(ପ୍ରତାପରୁଦ୍ରଦେବ, କବିଚନ୍ଦ୍ର ରାୟ ଦିବାକର, ପୁରୁଷୋତ୍ତମ ଦେବ, ସାରଳା ଦାସ)

ଙ.  ________ ଓଡ଼ିଶାର ଶେଷ ସ୍ୱାଧୀନ ରାଜା।

(ପ୍ରତାପରୁଦ୍ରଦେବ, ଗୋବିନ୍ଦ ବିଦ୍ୟାଧର, କପିଳେନ୍ଦ୍ରଦେବ, ମୁକୁନ୍ଦ ହରିଚନ୍ଦନ)

**୩.  'କ' ସ୍ତମ୍ଭର ଖ୍ରୀଷ୍ଟାବ୍ଦ ସହିତ 'ଖ' ସ୍ତମ୍ଭର ଘଟଣାକୁ ଗାର ଟାଣି ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧୪୯୭ ଖ୍ରୀଷ୍ଟାବ୍ଦ | କପିଳେନ୍ଦ୍ରଦେବଙ୍କ ସିଂହାସନ ଆରୋହଣ |
| ୧୫୩୮ ଖ୍ରୀଷ୍ଟାବ୍ଦ | ମୁକୁନ୍ଦ ହରିଚନ୍ଦନଙ୍କ ସିଂହାସନ ଆରୋହଣ |
| ୧୫୬୦ ଖ୍ରୀଷ୍ଟାବ୍ଦ | ପୁରୁଷୋତ୍ତମ ଦେବଙ୍କ ମୃତ୍ୟୁ |
| ୧୪୩୫ ଖ୍ରୀଷ୍ଟାବ୍ଦ | ପ୍ରତାପରୁଦ୍ରଦେବଙ୍କ ମୃତ୍ୟୁ |

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**୪.  ସଂକ୍ଷିପ୍ତ ଟିପ୍ପଣୀ ଲେଖ ।**

କପିଳାବ୍ଦ, ସାଳ୍ବ ନରସିଂହ, କୃଷ୍ଣଦେବ ରାୟ, ହୁସେନ ଶାହା, ପ୍ରତାପରୁଦ୍ରଦେବଙ୍କ ସାହିତ୍ୟାନୁରାଗ, ଗିୟାସୁଦ୍ଦିନ୍ ଜଲାଲ ଶାହା, ଗୋହିରୀଟିକିରା

**୫.  ରେଖାଙ୍କିତ ପଦଗୁଡ଼ିକୁ ପରିବର୍ତ୍ତନ ନ କରି ଭ୍ରମ ସଂଶୋଧନ କର ।**

କ)  ପୁରୁଷୋତ୍ତମ ଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।

ଖ)  ରାୟରାମାନନ୍ଦ କପିଳେଶ୍ୱରଦେବଙ୍କର ଜ୍ୟେଷ୍ଠପୁତ୍ର ଥିଲେ ।

ଗ)  'ଚଣ୍ଡି ପୁରାଣ' ଏବଂ ଓଡ଼ିଆ 'ମହାଭାରତ' ବଳରାମ ଦାସଙ୍କ ଦ୍ୱାରା ରଚିତ ହୋଇଥିଲା।

ଘ)  ପ୍ରତାପରୁଦ୍ରଦେବ ଗଙ୍ଗାନଦୀ କୂଳରେ ତ୍ରିବେଣୀଘାଟ ନିର୍ମାଣ କରିଥିଲେ ।

୬. କପିଳେନ୍ଦ୍ର ଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହେବାର କାରଣ କଣ ?

୭. ଓଡ଼ିଶାର ସୂର୍ଯ୍ୟବଂଶୀ ନରପତିମାନଙ୍କ ସମୟରେ ରଚିତ ହୋଇଥିବା ସାହିତ୍ୟକୃତି ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

୮. ମୁକୁନ୍ଦ ହରିଚନ୍ଦନଙ୍କୁ କାହିଁକି ଓଡ଼ିଶାର ଶେଷ ସ୍ୱାଧୀନ ରାଜା ବୋଲି କୁହାଯାଏ ?

୯. ଓଡ଼ିଆ ସାହିତ୍ୟ କପିଳେନ୍ଦ୍ରଦେବ ବା ପ୍ରତାପରୁଦ୍ରଦେବଙ୍କ ସମୟରେ ବେଶି ବିକଶିତ ହୋଇଥିଲା ? ପ୍ରମାଣ ସହିତ ଦର୍ଶାଅ ।

## ତୁମ ପାଇଁ କାମ :

ବାରବାଟୀ ଦୁର୍ଗ ଚିତ୍ର ସଂଗ୍ରହ କରି ରଙ୍ଗ ଦେଇ ଏକ ବିବରଣୀ ପ୍ରସ୍ତୁତ କର ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS





# ପାଠ୍ୟପୁସ୍ତକ ଅନ୍ତର୍ଗତ ପ୍ରଶ୍ନାବଳୀର ଉତ୍ତର

**୧ । ତଳଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

**(କ) କପିଳେନ୍ଦ୍ରଦେବଙ୍କ ରାଜ୍ୟ ଜୟ ବିଷୟରେ ଲେଖ ।**

(୨୦୧୮-୧୯)

**ଉ :** (i) ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ ୧୪୩୫ ଖ୍ରୀ.ରେ ସିଂହାସନ ଆରୋହଣ କରିଥିଲେ ।

(ii) ସେ ଜଣେ ବିଚକ୍ଷଣ ଯୋଦ୍ଧା ଓ ଦିଗ୍‌ବିଜୟୀ ସମ୍ରାଟ୍ ଥିଲେ ।

(iii) କପିଳେନ୍ଦ୍ରଦେବ ଗୌଡ଼ ଦେଶର ସୁଲତାନ, ଦାକ୍ଷିଣାତ୍ୟର ବିଜୟ ନଗରର ରାଜା; ବାହମନୀର ସୁଲତାନଙ୍କୁ ପରାସ୍ତ କରି ତାଙ୍କ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତାର କରିଥିଲେ ।

(iv) ସେ ପରାଜିତ ରାଷ୍ଟ୍ରମାନଙ୍କର ନାମକୁ ନେଇ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।

**(ଖ) ପ୍ରତାପରୁଦ୍ର ଦେବ ଏବଂ କୃଷ୍ଣଦେବରାୟଙ୍କ ମଧ୍ୟରେ ଥିବା ସଂପର୍କ ବିଷୟରେ ଲେଖ ।**

**ଉ :** (i) ପ୍ରତାପରୁଦ୍ରଦେବ ସୂର୍ଯ୍ୟବଂଶର ଶେଷ ସମ୍ରାଟ୍ ଥିଲେ । ସେତେବେଳେ କୃଷ୍ଣଦେବରାୟ ବିଜୟ ନଗର ରାଜ୍ୟର ରାଜା ଥିଲେ ।

(ii) ପ୍ରବଳ ପ୍ରତାପୀ କୃଷ୍ଣଦେବ ରାୟ ଓଡ଼ିଶାର ଉଦୟଗିରି ସମେତ ବହୁ ଅଞ୍ଚଳ ତାଙ୍କ ଅଧୀନକୁ ନେଇ ଥିଲେ (ସୀମାଚଳମ୍ ପର୍ଯ୍ୟନ୍ତ) । ପ୍ରତାପରୁଦ୍ର ତାଙ୍କ ଗତିରୋଧ କରିବାକୁ ଯାଇ ପରାଜିତ ହୋଇଥିଲେ ।

(iii) ପ୍ରତାପରୁଦ୍ର ଓ କୃଷ୍ଣଦେବଙ୍କ ମଧ୍ୟରେ ସନ୍ଧି ସ୍ଥାପିତ ହେଲା । ପ୍ରତାପରୁଦ୍ରଦେବ ତାଙ୍କ କନ୍ୟା ଜଗନ୍ମୋହିନୀଙ୍କୁ କୃଷ୍ଣଦେବଙ୍କ ସହ ବାହା କରାଇଲେ । ଫଳସ୍ୱରୂପ ପ୍ରତାପରୁଦ୍ର ଶ୍ୱଶୁର ହେଲେ, କୃଷ୍ଣଦେବ ରାୟ ତାଙ୍କ ଜାମାତା ହେଲେ ।

**(ଗ) ପ୍ରତାପରୁଦ୍ର ଦେବଙ୍କ ସମୟରେ ସୃଷ୍ଟି ହୋଇଥିବା ସାହିତ୍ୟ ସଂପର୍କରେ ସୂଚନା ପ୍ରଦାନ କର ।**

**(୨୦୧୯,୨୦୧୭-୧୮)**

**ଉ :** (i) ପ୍ରତାପରୁଦ୍ରଦେବ ଜଣେ ବିଶିଷ୍ଟ କବି ଓ ବିଦ୍ୱାନ୍ ଥିଲେ ।

(ii) ସେ ସଂସ୍କୃତ ଭାଷାରେ 'ସରସ୍ୱତୀ ବିଳାସ' ରଚନା କରିଥିଲେ ।

(iii) ପ୍ରତାପରୁଦ୍ରଙ୍କ ସମୟରେ ଜଗନ୍ନାଥ ଦାସ ଓଡ଼ିଆରେ 'ଭାଗବତ', ବଳରାମ ଦାସ 'ଦାଣ୍ଡିରାମାୟଣ', କବି ଜୀବଦେବ ଆଚାର୍ଯ୍ୟ 'ଭକ୍ତି ଭାଗବତ', ରାୟ ରାମାନନ୍ଦ 'ଜଗନ୍ନାଥ ବଲ୍ଲଭ' ରଚନା କରିଥିଲେ ।

(iv) ବହୁ କବି ଓ ପଣ୍ଡିତ ତାଙ୍କ ରାଜସଭାକୁ ମଣ୍ଡନ କରିଥିଲେ ।

**(ଘ) ମୁକୁନ୍ଦ ହରିଚନ୍ଦନ ଓ ସୁଲେମାନ୍ କର୍‌ରାଣୀଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ଫଳାଫଳ କ'ଣ ହେଲା ?**

**(୨୦୧୭-୧୮)**

**ଉ :** (i) ମୋଗଲ ସମ୍ରାଟ ଆକବର ବଙ୍ଗଦେଶ ଜୟ କରିବା ପାଇଁ ମୁକୁନ୍ଦଦେବଙ୍କ ସହ ସଂପର୍କ ସ୍ଥାପନ କରିଥିଲେ ।

(ii) ଏଥିରେ ବଙ୍ଗର ଆଫଗାନ ସୁଲତାନ୍ ସୁଲେମାନ କର୍‌ରାଣୀ କ୍ଷୁବ୍‌ଧ ହୋଇଥିଲେ ।

(iii) କର୍‌ରାଣୀ ତାଙ୍କ ସୈନ୍ୟଦଳକୁ ଦୁଇଭାଗ କରି ଗୋଟିଏ ଭାଗକୁ ନେଇ ଓଡ଼ିଶା ଆକ୍ରମଣ କଲେ ୧୫୬୮ ଖ୍ରୀଷ୍ଟାବ୍ଦରେ । ମୁକୁନ୍ଦଦେବ ପରାସ୍ତ ହେଲେ ।

(iv) ପୁଣି କର୍‌ରାଣୀଙ୍କ ସୈନ୍ୟଦଳ ସେନାପତି କଳାପାହାଡ଼ଙ୍କ ନେତୃତ୍ୱରେ ଓଡ଼ିଶା ଆକ୍ରମଣ କରିଥିଲେ ।

**୨ । ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ———— ସୂର୍ଯ୍ୟବଂଶର ପ୍ରତିଷ୍ଠାତା ।
(ମୁକୁନ୍ଦଦେବ, କପିଳେନ୍ଦ୍ରଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ)

(ଖ) 'ଚଣ୍ଡିପୁରାଣ' ———— ରଚନା କରିଥିଲେ ।
(ବଳରାମ ଦାସ, ଅନନ୍ତ ଦାସ, ଶାରଳା ଦାସ, ଜଗନ୍ନାଥ ଦାସ)

(ଗ) ———— କପିଳେନ୍ଦ୍ର ଦେବଙ୍କ ଜ୍ୟେଷ୍ଠପୁତ୍ର ।
(ପୁରୁଷୋତ୍ତମଦେବ, ପ୍ରତାପରୁଦ୍ର ଦେବ, ହମ୍ୱୀର, ସାଲ୍ୱ ନରସିଂହ)

(ଘ) 'ଅଭିନବ ଗୀତଗୋବିନ୍ଦ'ର ରଚୟିତା ———— ।
(ପ୍ରତାପରୁଦ୍ରଦେବ, କବିଚନ୍ଦ୍ର ରାୟ ଦିବାକର, ପୁରୁଷୋତ୍ତମ ଦେବ, ସାରଳା ଦାସ)

(ଙ) ———— ଓଡ଼ିଶାର ଶେଷ ସ୍ୱାଧୀନ ରାଜା ।
(ପ୍ରତାପରୁଦ୍ରଦେବ, ଗୋବିନ୍ଦ ବିଦ୍ୟାଧର, କପିଳେନ୍ଦ୍ରଦେବ, ମୁକୁନ୍ଦ ହରିଚନ୍ଦନ)

**ଉ :** (କ) କପିଳେନ୍ଦ୍ରଦେବ, (ଖ) ଶାରଳା ଦାସ (ଗ) ହମ୍ୱୀର, (ଘ) ପୁରୁଷୋତ୍ତମଦେବ, (ଙ) ମୁକୁନ୍ଦ ହରିଚନ୍ଦନ

**୩ । 'କ' ସ୍ତମ୍ଭର ଖ୍ରୀଷ୍ଟାବ୍ଦ ସହିତ 'ଖ' ସ୍ତମ୍ଭର ଘଟଣାକୁ ଗାର ଟାଣି ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧୪୯୭ ଖ୍ରୀଷ୍ଟାବ୍ଦ | କପିଳେନ୍ଦ୍ରଦେବଙ୍କ ସିଂହାସନ ଆରୋହଣ |
| ୧୫୩୮ ଖ୍ରୀଷ୍ଟାବ୍ଦ | ମୁକୁନ୍ଦ ହରିଚନ୍ଦନଙ୍କ ସିଂହାସନ ଆରୋହଣ |
| ୧୫୬୦ ଖ୍ରୀଷ୍ଟାବ୍ଦ | ପୁରୁଷୋତ୍ତମ ଦେବଙ୍କ ମୃତ୍ୟୁ |
| ୧୪୩୫ ଖ୍ରୀଷ୍ଟାବ୍ଦ | ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ |

**ଉ :**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧୪୯୭ ଖ୍ରୀଷ୍ଟାବ୍ଦ | ପୁରୁଷୋତ୍ତମ ଦେବଙ୍କ ମୃତ୍ୟୁ |
| ୧୫୩୮ ଖ୍ରୀଷ୍ଟାବ୍ଦ | ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ |
| ୧୫୬୦ ଖ୍ରୀଷ୍ଟାବ୍ଦ | ମୁକୁନ୍ଦ ହରିଚନ୍ଦନଙ୍କ ସିଂହାସନ ଆରୋହଣ |
| ୧୪୩୫ ଖ୍ରୀଷ୍ଟାବ୍ଦ | କପିଳେନ୍ଦ୍ର ଦେବଙ୍କ ସିଂହାସନ ଆରୋହଣ |

ପ୍ରଶ୍ନ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**୪ । ସଂକ୍ଷିପ୍ତ ଟିପ୍ପଣୀ ଲେଖ ।**

**କପିଳାବ୍ଦ, ସାଲ୍ୱ ନରସିଂହ, କୃଷ୍ଣଦେବ ରାୟ, ହୁସେନ ଶାହା, ପ୍ରତାପରୁଦ୍ରଦେବଙ୍କ ସାହିତ୍ୟାନୁରାଗ, ଗିୟାସୁଦ୍ଦିନ ଜଲାଲ ଶାହା, ଗୋହିରୀଟିକିରା ।**

**ଉ : କପିଳାବ୍ଦ :** ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ ୧୪୩୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେହି ବର୍ଷ ସେ କପିଳାବ୍ଦ ପ୍ରଚଳନ କରିଥିଲେ ।

**ସାଲ୍ୱ ନରସିଂହ :** ସାଲ୍ୱ ନରସିଂହ ଉଦୟଗିରିର ରାଜା ଥିଲେ । କପିଳେନ୍ଦ୍ର ଦେବଙ୍କ ମୃତ୍ୟୁର ସୁଯୋଗ ନେଇ ସେ ଦକ୍ଷିଣ ଓଡ଼ିଶାର କେତେକ ଦୁର୍ଗ ଅଧିକାର କରିଥିଲେ; ମାତ୍ର ପୁରୁଷୋତ୍ତମ ଦେବ ତାଙ୍କୁ ଯୁଦ୍ଧରେ ପରାସ୍ତ କରି ସାଲ୍ୱଙ୍କ କନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିଲେ ।

**କୃଷ୍ଣଦେବ ରାୟ :** କୃଷ୍ଣ ଦେବରାୟ ବିଜୟ ନଗର ରାଜ୍ୟର ପ୍ରବଳ ପ୍ରତାପୀ ରାଜା ଥିଲେ । ସେ ଓଡ଼ିଶାର ଉଦୟଗିରି ସମେତ ବହୁ ଅଞ୍ଚଳ ଅଧିକାର କରିଥିଲେ; ପ୍ରତାପରୁଦ୍ର ଦେବ ତାଙ୍କୁ ଗତିରୋଧ କରି ପରାସ୍ତ ହୋଇଥିଲେ ଏବଂ ତାଙ୍କ କନ୍ୟା ଜଗନ୍ମୋହିନୀଙ୍କୁ କୃଷ୍ଣଦେବରାୟଙ୍କ ସହ ବିବାହ କରାଇଥିଲେ ।

**ହୁସେନ ଶାହା :** ସୂର୍ଯ୍ୟବଂଶର ଶେଷ ସମ୍ରାଟ୍ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ହୁସେନ ଶାହା ବଙ୍ଗର ସୁଲତାନ ଥିଲେ । ସେ ଥରେ ଓଡ଼ିଶା ଆକ୍ରମଣ କରିଥିଲେ ମାତ୍ର ପ୍ରତାପରୁଦ୍ରଦେବ ତାଙ୍କୁ ତଡ଼ି ଦେଇଥିଲେ ।

**ପ୍ରତାପରୁଦ୍ରଦେବଙ୍କ ସାହିତ୍ୟାନୁରାଗ :** ପ୍ରତାପରୁଦ୍ରଦେବ ଜଣେ ବିଶିଷ୍ଟ କବି, ବିଦ୍ୱାନ, ସାହିତ୍ୟିକ ଥିଲେ । ସେ ସଂସ୍କୃତ ଭାଷାରେ 'ସରସ୍ୱତୀ ବିଳାସ' ନାମକ ଏକ ଅମୂଲ୍ୟ ଗ୍ରନ୍ଥ ରଚନା କରିଥିଲେ ।

**ଗିୟାସୁଦ୍ଦିନ ଜଲାଲ ଶାହା :** ଗିୟାସୁଦ୍ଦିନ ଜଲାଲ ଶାହା ବଙ୍ଗର ସୁଲତାନ ଥିଲେ । ୧୫୬୦ ଖ୍ରୀଷ୍ଟାବ୍ଦରେ ସେ ଓଡ଼ିଶା ଆକ୍ରମଣ କରି ଯାଜପୁର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ; ମାତ୍ର ମୁକୁନ୍ଦଦେବଙ୍କଦ୍ୱାରା ପରାସ୍ତ ହୋଇଥିଲେ ।

**ଗୋହିରୀଟିକିରା :** ସାରଙ୍ଗଗଡ଼ର ସାମନ୍ତରାଜା ରାମଚନ୍ଦ୍ର ଭଞ୍ଜ ମୁକୁନ୍ଦଦେବଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ ଓ ନିଜକୁ ଗଜପତି ରାଜା ରୂପେ ଘୋଷଣା କରିଥିଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ସେ ଯାଜପୁର ନିକଟସ୍ଥ ଗୋହିରୀଟିକିରାଠାରେ ମୁକୁନ୍ଦ ଦେବଙ୍କ ଯୁଦ୍ଧରେ ପରାସ୍ତ କରିଥିଲେ । ଏହି ଯୁଦ୍ଧରେ ମୁକୁନ୍ଦ ଦେବ ନିହତ ହୋଇଥିଲେ ।

**୫ । ରେଖାଙ୍କିତ ପଦଗୁଡ଼ିକୁ ପରିବର୍ତ୍ତନ ନ କରି ଭ୍ରମ ସଂଶୋଧନ କର ।**

(କ) ପୁରୁଷୋତ୍ତମ ଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।

(ଖ) ରାୟରାମାନନ୍ଦ କପିଳେନ୍ଦ୍ରଦେବଙ୍କର ଜ୍ୟେଷ୍ଠପୁତ୍ର ଥିଲେ ।

(ଗ) 'ଚଣ୍ଡି ପୁରାଣ' ଏବଂ ଓଡ଼ିଆ 'ମହାଭାରତ' ବଳରାମ ଦାସଙ୍କ ଦ୍ୱାରା ରଚିତ ହୋଇଥିଲା ।

(ଘ) ପ୍ରତାପରୁଦ୍ରଦେବ ଗଙ୍ଗାନଦୀ କୂଳରେ ତ୍ରିବେଣୀଘାଟ ନିର୍ମାଣ କରିଥିଲେ ।

**ଉ :**(କ) କପିଳେନ୍ଦ୍ରଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।

(ଖ) ହମ୍ୱୀର କପିଳେନ୍ଦ୍ର ଦେବଙ୍କର ଜ୍ୟେଷ୍ଠପୁତ୍ର ଥିଲେ ।

(ଗ) 'ଚଣ୍ଡିପୁରାଣ' ଏବଂ ଓଡ଼ିଆ 'ମହାଭାରତ' ସାରଳା ଦାସଙ୍କ ଦ୍ୱାରା ରଚିତ ହୋଇଥିଲା ।

(ଘ) ମୁକୁନ୍ଦଦେବ ଗଙ୍ଗାନଦୀ କୂଳରେ ତ୍ରିବେଣୀ ଘାଟ ନିର୍ମାଣ କରିଥିଲେ ।

**୬ । କପିଳେନ୍ଦ୍ରଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହେବାର କାରଣ କ'ଣ ?**

**ଉ :**(i) ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ ୧୪୩୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ ।

(ii) ସେ ଗୌଡ଼ ଦେଶର ସୁଲତାନଙ୍କୁ ପରାସ୍ତ କରି 'ଗୌଡେଶ୍ୱର' ଉପାଧି ଧାରଣ କରିଥିଲେ ।

(iii) ଦାକ୍ଷିଣାତ୍ୟର ବିଜୟ ନଗରର ରାଜାଙ୍କୁ ପରାସ୍ତ କରି 'ନବକୋଟି କର୍ଣ୍ଣାଟ' ଉପାଧି ଏବଂ ବାହମନୀର ସୁଲତାନଙ୍କୁ ପରାସ୍ତ କରି 'କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।

(iv) କପିଳେନ୍ଦ୍ରଦେବ ଓଡ଼ିଶାର ଗଜପତି ରାଜା ହୋଇଥିବାରୁ ସେ 'ଗଜପତି ଗୌଡେଶ୍ୱର କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।

**୭ । ଓଡ଼ିଶାର ସୂର୍ଯ୍ୟବଂଶୀ ନରପତିମାନଙ୍କ ସମୟରେ ରଚିତ ହୋଇଥିବା ସାହିତ୍ୟ କୃତିଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।**

**ଉ :**

| ସୂର୍ଯ୍ୟବଂଶୀ ନରପତି ରାଜାଙ୍କ ନାମ | ତାଙ୍କ ସମୟର ସାହିତ୍ୟକୃତି |
|---|---|
| **କପିଳେନ୍ଦ୍ର ଦେବ :** | |
| ପରଶୁରାମ ବିଜୟ | – କପିଳେନ୍ଦ୍ର ଦେବ |
| ସଂକ୍ଷେପ ଶାରୀରିକ ବର୍ତ୍ତିକା | – ନୃସିଂହ ବାଜପେୟୀ |
| ମହାଭାରତ ଓ ଚଣ୍ଡୀପୁରାଣ | – ସାରଳା ଦାସ |
| **ପୁରୁଷୋତ୍ତମ ଦେବ :** | |
| ଅଭିନବଗୀତ ଗୋବିନ୍ଦ | – ପୁରୁଷୋତ୍ତମ ଦେବ |
| **ପ୍ରତାପରୁଦ୍ର ଦେବ :** | |
| ସରସ୍ୱତୀ ବିଳାସ | – ପ୍ରତାପରୁଦ୍ର ଦେବ |
| ଓଡ଼ିଆ ଭାଗବତ | – ଜଗନ୍ନାଥ ଦାସ |
| ଦାଣ୍ଡି ରାମାୟଣ | – ବଳରାମ ଦାସ |
| ଭକ୍ତି ଭାଗବତ | – ଜୀବଦେବ ଆଚାର୍ଯ୍ୟ |
| ଜଗନ୍ନାଥ ବଲ୍ଲଭ | – ରାୟ ରାମାନନ୍ଦ |

**୮ । ମୁକୁନ୍ଦ ହରିଚନ୍ଦନଙ୍କୁ କାହିଁକି ଓଡ଼ିଶାର ଶେଷ ସ୍ୱାଧୀନ ରାଜା ବୋଲି କୁହାଯାଏ ?** (୨୦୧୮-୧୯)

**ଉ :** ମୁକୁନ୍ଦ ହରିଚନ୍ଦନଙ୍କୁ ଓଡ଼ିଶାର ଶେଷରାଜା କୁହାଯାଏ କାରଣ –

(i) ସୂର୍ଯ୍ୟବଂଶ ଶାସନ ପରେ ଭୋଇ ବଂଶର ଶାସକ ଗୋବିନ୍ଦ ବିଦ୍ୟାଧରଙ୍କ ନାତି ମୁକୁନ୍ଦ ହରିଚନ୍ଦନ ୧୫୬୦ ଖ୍ରୀ.ରେ ସିଂହାସନ ଆରୋହଣ କରିଥିଲେ ।

COMPETITIVE BOOKS ଓଡ଼ିଶା Board and NCERT All Books With Soluti OBS

(ii) ୧୫୬୮ ଖ୍ରୀ.ରେ ତାଙ୍କୁ ଗୋହିରୀଟିକିରା ଯୁଦ୍ଧରେ ରାମଚନ୍ଦ୍ର ଭଞ୍ଜ ନିହତ କରିଥିଲେ । ମୁକୁନ୍ଦ ଦେବଙ୍କ ପରେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲା; ଏଣୁ ତାଙ୍କୁ ଓଡ଼ିଶାର ଶେଷରାଜା କୁହାଯାଏ ।

୯ । ଓଡ଼ିଆ ସାହିତ୍ୟ କପିଳେନ୍ଦ୍ରଦେବ ବା ପ୍ରତାପରୁଦ୍ର ଦେବଙ୍କ ସମୟରେ ବେଶି ବିକଶିତ ହୋଇଥିଲା ? ପ୍ରମାଣ ସହିତ ଦର୍ଶାଅ । (୨୦୧୭-୧୮)

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
(Odisha Board and NCERT
All Books With Solutions
OBS

ଉ :(i) ଓଡ଼ିଆ ସାହିତ୍ୟ ପ୍ରତାପରୁଦ୍ର ଦେବଙ୍କ ସମୟରେ ବେଶି ବିକଶିତ ହୋଇଥିଲା ।

(ii) କପିଳେନ୍ଦ୍ରଦେବଙ୍କ ରାଜତ୍ୱ କାଳରେ ତିନିଗୋଟି ପୁସ୍ତକ ରଚନା କରାଯାଇଥିଲା । ମାତ୍ର ପ୍ରତାପରୁଦ୍ର ଦେବଙ୍କ ସମୟରେ ପାଞ୍ଚଗୋଟି ପୁସ୍ତକ ରଚନା କରାଯାଇଥିଲା । ଏଣୁ ଏଥିରୁ ପ୍ରମାଣିତ ଯେ ପ୍ରତାପରୁଦ୍ରଦେବଙ୍କ ସମୟରେ ଓଡ଼ିଆ ସାହିତ୍ୟ ବେଶି ବିକଶିତ ହୋଇଥିଲା ।